# NATIONAL NEWS BULLETIN (ODIA)
## 10 June - 2025
## Morning Bulletin : 7.15 A.M.

**********************************************

## ମୁଖ୍ୟ ସମ୍ବାଦ

- ପ୍ରତିକୂଳ ପାଗ ଯୋଗୁଁ ଆଜି ପାଇଁ ସ୍ଥଗିତ ହେଲା ଏକ୍ସିଓମ୍-ଫୋର୍ ମିଶନ୍‌ର୍ ଉତ୍କ୍ଷେପଣ ।
- ଅପରେସନ୍ ସିନ୍ଦୂର ଅବସରରେ ପାକିସ୍ତାନ ଗୁଳିଗୋଳା ଆକ୍ରମଣରେ ସୀମାନ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ବାସଗୃହ ଗୁଡ଼ିକ ପାଇଁ ଅତିରିକ୍ତ ଅର୍ଥରାଶି ଘୋଷିତ ।
- ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ପ୍ରଦାନ କଲେ ଲୋକସଭା ବାଚସ୍ପତି ।
- ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଏସ୍.ଇ. ଜେଡ୍ ପାଇଁ କେତେକ ନୀତିଗତ ରିହାତି ଘୋଷଣା କଲେ କେନ୍ଦ୍ର ସରକାର ।

ଏବଂ

- ଭାରତର ପୂର୍ବତନ କ୍ରିକେଟ୍ ଅଧିନାୟକ ମହେନ୍ଦ୍ର ସିଂହ ଧୋନି ଆଇ.ସି.ସି. ହଲ୍ ଅଫ୍ ଫେମ୍‌ରେ ସାମିଲ ।

# ଏକ୍‌ଜିଓମ୍-ଫୋର୍

ପ୍ରତିକୂଳ ପାଗ ଯୋଗୁଁ ଏକ୍‌ଜିଓମ୍-ଫୋର୍ ମିଶନ୍‌କୁ ଆଜି ପାଇଁ ସ୍ଥଗିତ ରଖାଯାଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଇସ୍ରୋର ଅଧ୍ୟକ୍ଷ ଭି. ନାରାୟଣମ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଆସନ୍ତାକାଲି ଭାରତୀୟ ସମୟ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ଉତ୍‌କ୍ଷେପଣ ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ଏହି ମିଶନ୍‌ରେ ଭାରତୀୟ ବାୟୁ ସେନାର ଗ୍ରୁପ୍ କ୍ୟାପ୍‌ଟେନ୍ ଶୁଭାଂଶୁ ଶୁକ୍ଳା ମହାକାଶକୁ ଯାତ୍ରା କରିବେ ।

ଆମେରିକାର ଫ୍ଲୋରିଡ଼ା ସ୍ଥିତ କେନେଡ଼ି ମହାକାଶ କେନ୍ଦ୍ରରୁ ୩୯ ନମ୍ବର ଲଞ୍ଚ୍ ପ୍ୟାଡ୍‌ରୁ ଫାଲକନ୍-୯ ରକେଟ ଦ୍ୱାରା ଏହି ମହାକାଶ ଯାନକୁ ଉତ୍‌କ୍ଷେପଣ କରାଯିବ । ଏହି ଐତିହାସିକ ଅଭିଯାନରେ ଶ୍ରୀ ଶୁକ୍ଳାଙ୍କ ସମେତ ଆମେରିକା, ପୋଲାଣ୍ଡ ଏବଂ ହଙ୍ଗେରୀର ତିନି ଜଣ ଆନ୍ତର୍ଜାତିକ ମହାକାଶ ଷ୍ଟେସନ୍‌କୁ ଯାତ୍ରା କରିବେ । ସେମାନେ ହେଉଛନ୍ତି, ପୋଲାଣ୍ଡର ସ୍ଲାଓଜ ଉଜ୍‌ନାନ୍‌ସ୍କି, ହଙ୍ଗେରୀର ଟିବୋର କାପୁ ଏବଂ ଆମେରିକାର ପେଗି ହ୍ୱାଟସନ୍ । ମହାକାଶ ଷ୍ଟେସନ୍‌ରେ ଦୁଇ ସପ୍ତାହ ରହଣୀ ମଧ୍ୟରେ ଏହି ମହାକାଶଚାରୀ ୬୦ଟି ବୈଜ୍ଞାନିକ ଅଧ୍ୟୟନ କରିବେ । ୧୯୮୪ ମସିହାରେ ରାକେଶ ଶର୍ମାଙ୍କ ପରେ ଶୁଭାଂଶୁ ଶୁକ୍ଳା ଦ୍ୱିତୀୟ ଭାରତୀୟ ଭାବେ ମହାକାଶକୁ ଯାତ୍ରା କରିବେ । ଏହି ମିଶନ୍ ନାସା, ଇସ୍ରୋ ଏବଂ ଅନ୍ୟାନ୍ୟ ଆନ୍ତର୍ଜାତିକ ମହାକାଶ ସଂସ୍ଥା ମଧ୍ୟରେ ସମ୍ପର୍କ ଦୃଢ଼ କରିବ ବୋଲି ଆଶା କରାଯାଇଛି ।

ଏକ୍‌ଜିଓମ୍-ଫୋର୍ ମିଶନ୍ ଦ୍ୱାରା ଜାରି ଏକ ଭିଡ଼ିଓ ବାର୍ତ୍ତାରେ ଶ୍ରୀ ଶୁକ୍ଳା କହିଛନ୍ତି, ଏକ ବହୁତ ବଡ଼ ପଦକ୍ଷେପର ଅଂଶ ହେଉଥିବାରୁ ସେ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି । ମହାକାଶ ଗବେଷଣା ଏବଂ ଭବିଷ୍ୟତର ଦୀର୍ଘକାଳୀନ ମହାକାଶ ମିଶନ୍‌କୁ ସମର୍ଥନ କରିବା ଏବଂ କକ୍ଷପଥରେ ସଂଗୃହିତ ତଥ୍ୟ ଦ୍ୱାରା ପୃଥିବୀ ଆଧାରିତ ଅଧ୍ୟୟନକୁ ସହଯୋଗ ପ୍ରଦାନ କରିବା ଏହି ମିଶନ୍‌ର ଲକ୍ଷ୍ୟ ବୋଲି ଜଣାପଡ଼ିଛି ।

ସୂଚନା ଯୋଗ୍ୟ ଏହି ମିଶନ୍‌ର ଉତ୍‌କ୍ଷେପଣ ପାଇଁ ଆଜି ଭାରତୀୟ ସମୟ ସନ୍ଧ୍ୟା ୫ଟା ୫୨ ମିନିଟ୍‌କୁ ସମୟଧାର୍ଯ୍ୟ କରାଯାଇଥିଲା ।

## ଏଚ୍‌ଏମ୍-କମ୍ପେନ୍‌ସେସନ୍

ଅପରେସନ୍ ସିନ୍ଦୂର ଅବସରରେ ପାକିସ୍ତାନ ଗୁଳିଗୋଳା ଆକ୍ରମଣରେ ସୀମାନ୍ତ ଅଞ୍ଚଳର କ୍ଷତିଗ୍ରସ୍ତ ବାସଗୃହ ଗୁଡ଼ିକ ପାଇଁ ସରକାର ଅତିରିକ୍ତ ଅର୍ଥରାଶି ଘୋଷଣା କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏ ସଂକ୍ରାନ୍ତ ଘୋଷଣା ପରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ୨ହଜାର ୬୦ଟି ଘର ପାଇଁ ୨୫ କୋଟି ଟଙ୍କାର ଅତିରିକ୍ତ ସହାୟତା ରାଶି ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଆଧାରରେ ପ୍ରତ୍ୟେକ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର ପାଇଁ ୨ ଲକ୍ଷ ଟଙ୍କା ଏବଂ ପ୍ରତ୍ୟେକ ଆଂଶିକ କ୍ଷତିଗ୍ରସ୍ତ ଘର ପାଇଁ ୧ ଲକ୍ଷ ଟଙ୍କା ଅତିରିକ୍ତ ଅର୍ଥ ପ୍ରଦାନ କରାଯିବ । ମନ୍ତ୍ରଣାଳୟ କହିଛି, ଏହି ନିଷ୍ପତ୍ତିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନିଆଯାଉଛି । ଜାମ୍ମୁ କାଶ୍ମୀର

ଏବଂ ପଞ୍ଜାବ ସୀମାନ୍ତ ଅଞ୍ଚଳ ଗୁଡ଼ିକର କ୍ଷତିଗ୍ରସ୍ତ ଘର ଗୁଡ଼ିକ ପାଇଁ ଏହି ଅର୍ଥ ପ୍ରଦାନ କରାଯିବ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି ।

# ୧୧ ବର୍ଷ

ସେବା, ସୁ-ଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରରେ ଦେଶରେ ଗତ ଏକ ଦଶନ୍ଧି ମଧ୍ୟରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଛି । ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ କ୍ଷେତ୍ର ଗୁଡ଼ିକରେ ସରକାରଙ୍କ ପ୍ରୟାସ ଉପରେ ବିଶେଷ ପ୍ରସ୍ତୁତି ଉପସ୍ଥାପନ କରୁଛି ।  ଆଜି ଆସନ୍ତୁ ଶୁଣିବା ପରିବେଶ ସଂରକ୍ଷଣ ଏବଂ ବିକାଶ ସମ୍ପର୍କିତ ପଦକ୍ଷେପ ।

ପରିବେଶ ସୁରକ୍ଷାକୁ ଆଧାରିତ ବିକାଶକୁ ଗତ ଦଶନ୍ଧି ଧରି ସରକାର ଏକ ମଡେଲ୍ ଭାବେ ଗ୍ରହଣ କରିଛନ୍ତି । ନଦୀ ଗୁଡ଼ିକର ପୁନରୁଦ୍ଧାର ଠାରୁ ଆରମ୍ଭ କରି ପରିବେଶର ସଂରକ୍ଷଣ, ସବୁଜ ଭିତ୍ତିଭୂମି ସୃଷ୍ଟି ଆଦି ବିଭିନ୍ନ କ୍ଷେତ୍ରରେ ସରକାର ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି । ନମାମି ଗଙ୍ଗେ ମିଶନ୍ ବିଶ୍ୱର ସର୍ବବୃହତ ନଦୀ ପୁନରୁଦ୍ଧାର କାର୍ଯ୍ୟକ୍ରମ ମଧ୍ୟରେ ଅନ୍ୟତମ । ଜଳର ଗୁଣବତ୍ତାକୁ ଉନ୍ନତ କରିବା ସହ ଏହା ଜୈବ ବିବିଧତାକୁ ତ୍ୱରାନ୍ୱିତ କରିଛି ଏବଂ ଏ କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣକୁ ପ୍ରୋତ୍ସାହନ ପ୍ରଦାନ କରାଯାଇଛି । ସ୍ୱଚ୍ଛ ଭାରତ ମିଶନ୍, ଗୋବର୍ଦ୍ଧନ ଯୋଜନା ଏବଂ ବର୍ଜ୍ୟ ପରିଚାଳନା ଆଦି ସଫଳତାର ସହ କାର୍ଯ୍ୟକାରୀ କରାଯାଇଛି । 'ଏକ୍ ପେଡ୍ ମା'କେ ନାମ୍' ଭଳି ଅଭିଯାନ ଦେଶବାସୀଙ୍କୁ ପରିବେଶଗତ କାର୍ଯ୍ୟ ପାଇଁ ଏକାଠି କରିପାରିଛି । ସମଗ୍ର ଦେଶରେ ୧୪୨ କୋଟିରୁ ଅଧିକ ଚାରା

ରୋପଣ କରାଯାଇଛି । ବନ୍ୟ ପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ମଧ୍ୟ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିଛି । ପ୍ରୋଜେକ୍ଟ ଚିତା, ପ୍ରୋଜେକ୍ଟ ଲାୟନ୍, ସମ୍ପ୍ରସାରିତ ପ୍ରୋଜେକ୍ଟ ଟାଇଗର୍ ଭଳି ପଦକ୍ଷେପ, ପ୍ରାଣୀଙ୍କର ବାସସ୍ଥାନ ବିକାଶ ଏବଂ ପ୍ରଜାତି ପୁନରୁଦ୍ଧାର ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିଛି । ଦେଶରେ ୯୧ଟି ରାମସାର୍ ସ୍ଥାନ ରହିଛି । ଏହା ଏସିଆର ସବୁଠାରୁ ଅଧିକ । ଉପକୂଳ ଏବଂ ଆର୍ଦ୍ରଭୂମି ସଂରକ୍ଷଣ ମଧ୍ୟ ଗତିଶୀଳ ହୋଇଛି । ୧୩ଟି ଭାରତୀୟ ବେଳାଭୂମି ବ୍ଲୁ ଫ୍ଲାଗ୍ ମାନ୍ୟତା ହାସଲ କରିବା ସହିତ ଅମୃତ ଧରୋହର ଏବଂ ମିଷ୍ଟି ଭଳି ଯୋଜନା ଆର୍ଦ୍ରଭୂମି ଏବଂ ଲୁଣା ଜଙ୍ଗଲ ସଂରକ୍ଷଣକୁ ଅଗ୍ରଗତି ପ୍ରଦାନ କରିବା ସହ ଜଳବାୟୁ ସ୍ଥିରତା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

## ବିର୍ଲା-ଆଇଆଇଟି

ଦେଶର ଯୁବ ପ୍ରତିଭା ଏବଂ ପ୍ରଯୁକ୍ତି ବିଦ୍ୟା ନବସୃଜନର ଶକ୍ତି ମାଧ୍ୟମରେ ସମସାମୟିକ ଆହ୍ୱାନ ଗୁଡ଼ିକର ମୁକାବିଲା ଦିଗରେ ଭାରତ ବିଶ୍ୱରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଆଇ.ଆଇ.ଟି. ଯୋଧପୁର ଏକ ସମାବେଶକୁ ସମ୍ବୋଧନ କରି ଲୋକସଭା ବାଚସ୍ପତି ଓମ୍ ବିର୍ଲା ଏହା କହିଛନ୍ତି । ସାମାଜିକ, ଅର୍ଥନୈତିକ ଓ ପ୍ରଯୁକ୍ତି ବିଦ୍ୟା ଉନ୍ନତି କ୍ଷେତ୍ରରେ ଦେଶର ଯୁବପିଢ଼ିଙ୍କ ଅବଦାନକୁ ସେ ଉଚ୍ଚପ୍ରଶଂସା କରିଛନ୍ତି । ଯୁବବର୍ଗ କ୍ରମଶଃ ନିଯୁକ୍ତି ଅନ୍ୱେଷଣରୁ ଉପରକୁ ଉଠି ନିଯୁକ୍ତିକର୍ତ୍ତା ଭାବେ ପରିବର୍ତ୍ତିତ ହେଉଛନ୍ତି ବୋଲି ଶ୍ରୀ ବିର୍ଲା କହିଛନ୍ତି ।

ଏ କ୍ଷେତ୍ରରେ ଦେଶର ଆଇ.ଆଇ.ଟି. ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି । ଆଇ.ଆଇ.ଟି.ର ସ୍ନାତକ ଷ୍ଟାଟଅପ୍ ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ସହ ଅର୍ଥନୈତିକ ବିକାଶରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛନ୍ତି । ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଯୁବବର୍ଗଙ୍କ ସକ୍ରିୟ ଅଂଶଗ୍ରହଣ ଉପରେ ଶ୍ରୀ ବିର୍ଲା ଗୁରୁତ୍ୱ ପ୍ରଦାନ କରିଛନ୍ତି । ଖେଳଣା ଠାରୁ ଆରମ୍ଭ କରି ପ୍ରତିରକ୍ଷା ଉପକରଣ ଉତ୍ପାଦନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତା ଉପରେ ଶ୍ରୀ ବିର୍ଲା ଆଲୋକପାତ କରିଛନ୍ତି । ଏହି ଅବସରରେ ବାଚସ୍ପତି ଶ୍ରୀ ବିର୍ଲା ସେଠାରେ ଅତ୍ୟାଧୁନିକ ଶିକ୍ଷାଦାନ ପରିସର-୨ର ଉଦ୍‌ଘାଟନ କରିଛନ୍ତି ।

## ସେଣ୍ଟର୍-ଏସ୍.ଇ. ଜେଡ୍

ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ଏସ୍.ଇ. ଜେଡ୍ ପାଇଁ କେନ୍ଦ୍ର ସରକାର କେତେକ ନୀତିଗତ ରିହାତି ଘୋଷଣା କରିଛନ୍ତି । ଉଚ୍ଚ ପ୍ରଯୁକ୍ତି ଉତ୍ପାଦନ, ସେମିକଣ୍ଡକ୍ଟର ଏବଂ ବୈଦ୍ୟୁତିକ ଉପାଦାନ ଗୁଡ଼ିକର ଉତ୍ପାଦକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ନିବେଶ କ୍ଷେତ୍ରକୁ ଏହା ତ୍ୱରାନ୍ୱିତ କରିବା ସହ କାର୍ଯ୍ୟକାରିତା କ୍ଷେତ୍ରରେ ରହିଥିବା ନୀତିଗତ ଆହ୍ୱାନ ଗୁଡ଼ିକର ସମାଧାନ କରିବା ସହଜ ହୋଇପାରିବ । ବିଶ୍ୱ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳରେ ଭାରତ ନିଜର ସ୍ଥିତିକୁ ଦୃଢ଼ କରିପାରିବ । ସ୍ୱତନ୍ତ୍ର ଆର୍ଥିକ କ୍ଷେତ୍ର ନିୟମାବଳୀ ୨୦୦୬ରେ କେତେକ ସଂଶୋଧନ କରାଯାଇଛି ।

# ନିର୍ମଳା-ଜିସି ମିଟିଂ

ଅର୍ଥ ଓ କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀ ଠାରେ ଜାତୀୟ ନିବେଶ ଏବଂ ଭିତ୍ତିଭୂମି ପାଣ୍ଠି ଲିମିଟେଡ୍ ଏନ୍.ଆଇ.ଆଇ.ଏଫ୍.ର ଷଷ୍ଠ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନ୍.ଆଇ.ଆଇ.ଏଫ୍.ର କାର୍ଯ୍ୟ ଦକ୍ଷତା, ପାଣ୍ଠି ପରିଚାଳନା ଏବଂ ବିଭିନ୍ନ ପ୍ରସଙ୍ଗ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଏନ୍.ଆଇ.ଆଇ.ଏଫ୍.ର ଭବିଷ୍ୟତ କାର୍ଯ୍ୟପନ୍ଥା ତଥା ସଂଗୃହିତ ହେବାକୁ ଥିବା ପାଣ୍ଠିର ବିନିଯୋଗ ଉପରେ ଆଲୋଚନା ହୋଇଛି । ପାଣ୍ଠି ସଂଗ୍ରହର ନୂତନ ମାର୍ଗ ଉନ୍ମୋଚନ ନେଇ ମଧ୍ୟ ବୈଠକରେ ମତବିନିମୟ ହୋଇଥିବା ଜଣାପଡ଼ିଛି । ଜାତୀୟ ପ୍ରାଥମିକତା ସହିତ ଭିତ୍ତିଭୂମି ଏବଂ ଭାରତୀୟ ଅର୍ଥନୀତିର ଅନ୍ୟାନ୍ୟ ପ୍ରମୁଖ କ୍ଷେତ୍ର ଗୁଡ଼ିକ ପାଇଁ ପୁଞ୍ଜି ସଂଗ୍ରହରେ ଏନ୍.ଆଇ.ଆଇ.ଏଫ୍.ର ଭୂମିକାକୁ ବୈଠକରେ ଉଚ୍ଚପ୍ରଶଂସା କରାଯାଇଛି ।

ସୂଚନା ଯୋଗ୍ୟ ଏନ୍.ଆଇ.ଆଇ.ଏଫ୍.ର ପାଣ୍ଠି ବୃଦ୍ଧି ପାଇ ୧ ଲକ୍ଷ ୧୭ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ବୈଠକରୁ ଜଣାପଡ଼ିଛି ।

# ଧୋନି – ହଲ୍ ଅଫ୍ ଫେମ୍

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ, ୱିକେଟ୍ କିପର ତଥା ବ୍ୟାଟସ୍‌ମ୍ୟାନ୍ ମହେନ୍ଦ୍ର ସିଂହ ଧୋନିଙ୍କୁ ପ୍ରତିଷ୍ଠିତ ଆଇ.ସି.ସି. ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି । ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ଏ ସମ୍ପର୍କରେ ସୂଚନା ଦେଇ କହିଛି, ଚଳିତ ବର୍ଷ ସାମିଲ ହୋଇଥିବା ୭ ଜଣ କ୍ରିକେଟରଙ୍କ ମଧ୍ୟରେ ଧୋନି ଅନ୍ତର୍ଭୁକ୍ତ । ଅନ୍ୟମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ମାଥ୍ୟୁ ହେଡେନ୍ ଏବଂ ଦକ୍ଷିଣ ଆଫ୍ରିକାର ହାସିମ୍ ଆମଲା ଭଳି ଖେଳାଳି ରହିଛନ୍ତି । ଧୋନିଙ୍କ ଐତିହାସିକ ତଥା ପ୍ରେରଣାଦାୟୀ କ୍ରିକେଟ୍ ଯାତ୍ରାକୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ଆଇ.ସି.ସି. ପକ୍ଷରୁ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଭାରତ ପାଇଁ ୫୩୮ଟି ଆନ୍ତର୍ଜାତିକ ମ୍ୟାଚ୍ ଖେଳିଥିବା ଶ୍ରୀ ଧୋନି ସମସ୍ତ ଫର୍ମାଟ୍‌ରେ ମୋଟ୍ ୧୭ ହଜାର ୨୬୬ରନ୍ ସଂଗ୍ରହ ସହ ୱିକେଟ୍ କିପିଂ ସମୟରେ ମୋଟ୍ ୮୨୯ ଖେଳାଳିଙ୍କୁ ଆଉଟ୍ କରିବାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଭାରତକୁ ତିନୋଟି ପ୍ରମୁଖ ଟ୍ରଫି ଜିତାଇବାରେ ତାଙ୍କର ଅବଦାନ ଅତୁଳନୀୟ ଥିଲା । ୨୦୦୭ ଟି-ଟ୍ୱେଣ୍ଟି ବିଶ୍ୱକପ୍, ୨୦୧୧ ଦିନିକିଆ ଆନ୍ତର୍ଜାତିକ ବିଶ୍ୱକପ୍ ଏବଂ ୨୦୧୩ ଚାମ୍ପିୟନ୍ସ ଟ୍ରଫି ସେଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ । ୨୦୨୦ରେ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଗ୍ରହଣ କରିଥିଲେ ମଧ୍ୟ ଆଇ.ପି.ଏଲ୍.ରେ ଚେନ୍ନାଇ ସୁପରକିଙ୍ଗସ୍ ଦଳର ସଦସ୍ୟ ଭାବେ ସେ କ୍ରିକେଟ୍ ଖେଳ ଜାରି ରଖିଛନ୍ତି । ଏହି ସମ୍ମାନର  ପ୍ରତିକ୍ରିୟାରେ ଶ୍ରୀ ଧୋନି କୃତଜ୍ଞତା ଜ୍ଞାପନ କରିବା ସହ ଏହା ଏକ ସମ୍ମାନର ପ୍ରସଙ୍ଗ ବୋଲି କହିଛନ୍ତି ।

# ଫୁଟବଲ୍

୨୦୨୭ ଏ.ଏଫ୍.ସି. ଏସିଆନ୍ କପ୍ ଫୁଟବଲ୍ ଚୂଡ଼ାନ୍ତ ପର୍ଯ୍ୟାୟ ଲାଗି ଆଜି ଭାରତ ଏବଂ ହଂକଂ ମଧ୍ୟରେ ମୁକାବିଲା ହେବ । ହଂକଂର କାଇତକ୍ ଷ୍ଟାଡିୟମ୍ ଠାରେ ଭାରତୀୟ ସମୟ ସନ୍ଧ୍ୟା ସାଢ଼େ ୫ଟାରେ ଏହି ମ୍ୟାଚ୍ ଖେଳାଯିବ । ଏହି ମ୍ୟାଚ୍ ଜିତିବା ପାଇଁ ଉଭୟ ଦଳଙ୍କ ମଧ୍ୟରେ ଜୋର୍‌ଦାର ମୁକାବିଲା ହେବ ବୋଲି ଆଶା କରାଯାଇଛି ।